ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/HTH (OD)/1238/07-02-2021

# ବିକ୍ରୟ କ୍ଷେତ୍ରରେ ଏକ ପ୍ରମୁଖ ଉପଲବ୍ଧି:
# 'ବୟନିକା'ର ୱେଡିଙ୍ଗ୍ କଲେକ୍ସନ ଉଦ୍‌ଘାଟିତ

ଭୁବନେଶ୍ୱର, ତା.୦୭/୦୨/୨୦୨୧

ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ (ବୟନିକା), ଓଡ଼ିଶା ହସ୍ତତନ୍ତ ଉଦ୍ୟୋଗର ସର୍ବପୁରାତନ ତଥା ଏକମାତ୍ର ଶୀର୍ଷ ବିପଣନ ସଂସ୍ଥା ଯାହାକି ଦୀର୍ଘ ୬୪ ବର୍ଷ ଧରି ଓଡ଼ିଶା କଳାର ପ୍ରଚାର, ପ୍ରସାର ତଥା ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିଆସୁଅଛି । ଏହା ଓଡ଼ିଶାର ହଜାର ହଜାର ବୁଣାକାରଙ୍କ ଜୀବିକା ନିର୍ବାହର ମୁଖ୍ୟ ପାଥେୟ ଓ ସେମାନଙ୍କ ଦ୍ୱାରା ଉତ୍ପାଦିତ ହସ୍ତତନ୍ତ ବସ୍ତ୍ର ବିପଣନର ସର୍ବୋତ୍ତମ ମାଧ୍ୟମ ।

ବୟନିକା ଏହାର ଅନୁବନ୍ଧିତ ଡିଜାଇନରମାନଙ୍କ ଦ୍ୱାରା ପ୍ରସ୍ତୁତ ବିବାହ ଉତ୍ସବ ଉପଯୋଗୀ ବସ୍ତ୍ରର ବିକ୍ରି ଆରମ୍ଭ କରିବାକୁ ଯାଉଛି । ଆଜି ସନ୍ଧ୍ୟାରେ ଓଡ଼ିଶା ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମାଙ୍କ ଦ୍ୱାରା ତା.୦୭.୦୨.୨୦୨୧ରିଖ ସନ୍ଧ୍ୟା ଘ.୬.୩୦ମିନିଟ୍ ସମୟରେ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩ରେ ଚାଲୁଥିବା ଜାତୀୟସ୍ତରୀୟ ହସ୍ତତନ୍ତ ମେଳାରେ ଏହା ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ ଏନ୍‌ଆଇଏଫ୍‌ଟି, ଭୁବନେଶ୍ୱରର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଶୋଭନ କୁମାର ସାହୁ, ଶ୍ରୀଯୁକ୍ତ ଜ୍ୟୋତି ପ୍ରକାଶ ଦାସ, ବୟନଶିଳ୍ପ ନିର୍ଦ୍ଦେଶକ ତଥା ପରିଚାଳନା ନିର୍ଦ୍ଦେଶକ, ବୟନିକା ଏବଂ ଅନ୍ୟାନ୍ୟ ପଦାଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

ବୟନିକାର ପୁନଃବିନ୍ୟାସ ପରେ ଏହି ସଂସ୍ଥା ଓଡ଼ିଶା ହସ୍ତତନ୍ତ ବସ୍ତ୍ରର ବିକ୍ରୟ କ୍ଷେତ୍ରରେ ଏକ ବୈପ୍ଳବିକ ଅଭିବୃଦ୍ଧି ହାସଲ କରିଅଛି ଓ ଗତ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟଧରି ଏହାର ଅନୁବନ୍ଧିତ ଡିଜାଇନରମାନଙ୍କ ଦ୍ୱାରା ପ୍ରସ୍ତୁତ ଆଧୁନିକ ବସ୍ତ୍ର ମୁଖ୍ୟ କାର୍ଯ୍ୟାଳୟ ପ୍ରଥମ ମହଲାରେ ଏକ ଆଧୁନିକ ବିକ୍ରୟ କେନ୍ଦ୍ର ମାଧ୍ୟମରେ ବିକ୍ରି କରାଯାଉଅଛି । ଏତଦ୍‌ବ୍ୟତୀତ ବୟନିକା ଓଡ଼ିଶାର ବୁଣାକାରମାନଙ୍କର ସାମାଜିକ ତଥା ଅର୍ଥନୈତିକ ମାନଦଣ୍ଡର ଅଭିବୃଦ୍ଧି ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଅଛି । ଏହି କ୍ରମରେ ବୟନିକା ଦ୍ୱାରା ନିଆଯାଉଥିବା କେତେକ ପ୍ରମୁଖ କାର୍ଯ୍ୟକ୍ରମ ହେଲା-ଓଡ଼ିଶାର ବିଭିନ୍ନ ପ୍ରମୁଖ ହସ୍ତତନ୍ତ ବସ୍ତ୍ରର ଭୌଗଳିକ ସୂଚକ ଅନୁବନ୍ଧନ, ବିଭିନ୍ନ ଦେଶୀୟ-ଅର୍ନ୍ତଦେଶୀୟ ମେଳା ମାଧ୍ୟମରେ ଓଡ଼ିଶା ବସ୍ତ୍ରର ପ୍ରଚାର ଓ ପ୍ରସାର, ଉଚିତ ମୂଲ୍ୟରେ ଉନ୍ନତମାନର କଞ୍ଚାମାଲ୍ (ସୂତା) ଯୋଗାଣ ଇତ୍ୟାଦି ।

ବର୍ତ୍ତମାନର ଯାନ୍ତ୍ରିକ ଯୁଗରେ ମଧ୍ୟ ଓଡ଼ିଶାର ହସ୍ତତନ୍ତ ପ୍ରସ୍ତୁତ ସମ୍ବଲପୁରୀ ବାନ୍ଧ ଶାଢ଼ୀ, ନୂଆପାଟଣା ଖଣ୍ଡୁଆ ଶାଢ଼ୀ, ସୋନପୁରୀ ବମ୍‌କେଇ ଶାଢ଼ୀ, କୋଟ୍‌ପାଡ୍ ଶାଢ଼ୀ, ଯାଜପୁର ଅନ୍ତର୍ଗତ ଗୋପାଳପୁରର ଟସର ବସ୍ତ୍ର ଇତ୍ୟାଦି ଦେଶ ବିଦେଶରେ ବିଶେଷଭାବେ ଆଦୃତ ଲାଭକରିପାରିଛି । ଏହି ସବୁ କପଡାରୁ ଡିଜାଇନରମାନଙ୍କ ଦ୍ୱାରା ପ୍ରସ୍ତୁତ ଅତ୍ୟାଧୁନିକ ବସ୍ତ୍ର ଆଜିର ଯୁବ ପିଢ଼ିଙ୍କୁ ଅତ୍ୟନ୍ତ ଆକୃଷ୍ଟ କରୁଛି । ବିବାହ ଉତ୍ସବ ବସ୍ତ୍ର ଏହାର ଏକ ଅଂଶ ବିଶେଷ । ଏହି ସବୁ ବସ୍ତ୍ର ଓଡ଼ିଶାର କଳା, ସଂସ୍କୃତି ଓ ଆଧୁନିକତାର ସୁନ୍ଦର ମିଶ୍ରଣ । ଏହି ବସ୍ତ୍ରଗୁଡ଼ିକ ମେଳା ସରିବାପରେ ମୁଖ୍ୟ କାର୍ଯ୍ୟାଳୟର ପ୍ରଥମ ମହଲାରେ ଥିବା ଡିଜାଇନର୍ କଲେକ୍ସନ୍ ବିକ୍ରୟ କେନ୍ଦ୍ରରେ ଉପଲବ୍ଧ ହେବ । ଆପଣମାନଙ୍କ ସହଯୋଗରେ ବୟନିକା ରାଜ୍ୟ ବୟନଶିଳ୍ପ କ୍ଷେତ୍ରରେ ଆଗକୁ ଆହୁରି ଅନେକ କାର୍ଯ୍ୟ କରିବାକୁ ସଂକଳ୍ପବଦ୍ଧ ।

ଡକ୍ଟର ଜ୍ୟୋତିର୍ମୟୀ ସାମନ୍ତରାୟ

ସୂଚନା ଅଧିକାରୀ